# "ସେ ବାପାଙ୍କର ସୁଧ କାର୍ଯ୍ୟରେ ଯୋଗଦେଲେ ନାହିଁ" !

ମୋର ନାମ ପୂର୍ଣ୍ଣଚନ୍ଦ୍ର ଦାଶ (ଛଦ୍ମନାମ) । ଘର ବରଗଡ଼ ଥାନା ଅନ୍ତର୍ଗତ ବରଗଡ଼ ଜିଲ୍ଲାରେ । ଆମ ପରିବାର କହିଲେ ଚାରି ଭଉଣୀ ଓ ମୁଁ ହେଲି ଏକମାତ୍ର ପୁଅ । ବାପା ଗାଁରେ ଏକ ତେଜରାତି ଦୋକାନ କରି ଆମ ଭାଇ ଭଉଣୀମାନଙ୍କୁ ମଣିଷ କରିଥିଲେ । ମୁଁ ସାନ ପୁଅ ଓ ଏକମାତ୍ର ପୁଅ ହୋଇ ଥିବାରୁ ପିଲାବେଳୁ ବହୁ ସ୍ନେହ ଶ୍ରଦ୍ଧାରେ ବଢ଼ିଥିଲି । ଘରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ବେଶି ପାଠ ପଢ଼ିପାରିଲି ନାହିଁ । ଭଉଣୀମାନଙ୍କୁ ବିବାହ କରାଇବା ପରେ ମୋର ବାହାଘର ପାଇଁ ପରିବାର ଲୋକମାନେ ଲାଗିପଡ଼ିଲେ । ଶେଷରେ ଝାରସୁଗୁଡ଼ାରେ ଫୁଲବତୀ ନାମକ ଝିଅଙ୍କ ସହିତ ମୋର ବିବାହ ତା- ୩୦-୧୧-୨୦୦୯ରିଖ ଦିନ ହୋଇଥିଲା । ବାହାଘର କିଛିଦିନ ବେଶ୍ ଖୁସିବାସୀରେ ପରିବାର ଚାଲୁଥିଲା । ମାତ୍ର ମୋର ସ୍ତ୍ରୀ ସର୍ବଦା ମୋତେ ଚାପ ସୃଷ୍ଟି କରୁଥିଲା ଯେ, ସାଙ୍ଗ ହୋଇ ଯାଇ ତାଙ୍କ ଘରେ ରହିବା ପାଇଁ । ମାତ୍ର ମୁଁ ଏଥିରେ ଅନିଚ୍ଛା ପ୍ରକାଶ କରିବାରୁ ସେ ପ୍ରତି ମାସରେ ୧୦ଦିନ ଯାଇ ବାପ ଘରେ ରହନ୍ତି, ମନ ଇଚ୍ଛା ଆସନ୍ତି ଏବଂ ଏଥିରୁ ନିବୃତ ରହିବା ପାଇଁ ଅନୁରୋଧ କଲେ କେସ୍ କରି ଧମକ ଦେଇ ଜେଲ୍‌ରେ ପୁରାଇ ଦେବେ ବୋଲି ଧମକ ଦିଅନ୍ତି । ବାରମ୍ବାର କଣ ପାଇଁ ଗାଁକୁ ଯାଉଛନ୍ତି, ତାଙ୍କର ଉଦ୍ଦେଶ୍ୟ ବୁଝୁବୁଝୁ ଜଣା ପଡ଼ିଲା ଯେ, ସେ ବିବାହ ପୂର୍ବରୁ ଗାଁର ଜଣେ ସମ୍ପର୍କୀୟ ଭାଇଙ୍କ ସହିତ ପ୍ରେମ ସମ୍ପର୍କ ରଖିଥିଲେ । ଏହି କଥାକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ସାମାନ୍ୟ ପାଟିତୁଣ୍ଡ ହେଲା । ତେଣୁ ସ୍ତ୍ରୀ ମୋ ସହିତ ଆଉ ଶାରିରୀକ ସମ୍ପର୍କ ରଖିଲେ ନାହିଁ କି କଥାବାର୍ତ୍ତା କଲେ ନାହିଁ । ଗାଁରେ କିଛି ଭଦ୍ରଲୋକ ଡାକି ଏହାର ସମାଧାନ କରିବା ପାଇଁ ଚେଷ୍ଟା କରାଗଲା । ମାତ୍ର ମାସେ ଦୁଇ ମାସ ସବୁ ଠିକ୍ ଠାକ୍, ତାପରେ ଯାହାକୁ ସେଇଆ । ବାପା ଆମକୁ ମଣିଷ କରିବା ପାଇଁ ପରିବାରର ବୋଝ ବୋହି ବୋହି ଉପାସ ରହିବା ପାଇଁ ନିସା (ଖଇନି) ପାଟିରେ ଜାକୁଥିଲେ । ଉପବାସ ଓ ଖଇନି ନିସାରେ ବାପାଙ୍କର ପାଟିରେ କ୍ୟାନ୍‌ସର୍ ହୋଇଗଲା । ବାପା ମେଡିକାଲ୍‌ରେ ପଡ଼ିଲେ । ବୋଉ ଭଉଣୀ ଓ ମୁଁ ସମସ୍ତେ ଲାଗିପଡ଼ିଲୁ ତାଙ୍କର ସେବାରେ । ଠିକ୍ ଏହି ସମୟରେ ମୋର ସ୍ତ୍ରୀ ଘରେ ଥିବା ସମସ୍ତ ସ୍ୱର୍ଣ୍ଣ ଅଳଙ୍କାର ଏବଂ ବ୍ୟାଙ୍କ୍‌ରୁ ଆଣିଥିବା ୨୦ ହଜାର ଟଙ୍କା ସହିତ ବାପାଙ୍କ ଦେହ ପାଇଁ ଧାର କରିଥିବା ୨୦ହଜାର ଟଙ୍କା ଧରି ତା-୦୨-୧୦-୨୦୧୫ରିଖ ଦିନ ପଳାଇଗଲା । ତା-୦୨-୦୨-୨୦୧୬ରିଖ ଦିନ ବାପା ମୋର ମୃତ୍ୟୁ ମୁଖରେ ପଡ଼ିଲେ । ତଥାପି ମଧ୍ୟ ସ୍ତ୍ରୀକୁ ଫୋନ୍ କରିବାରୁ "ସେ ବାପାଙ୍କର ସୁଧ କାର୍ଯ୍ୟରେ ଯୋଗଦେଲେ ନାହିଁ" । ବାରମ୍ବାର ସ୍ତ୍ରୀକୁ ଡାକି ଯିବାରୁ ସେ ମୋତେ ଧମକ ଚମକ ଦେଲେ ଏବଂ କେସ୍ କରିବେ ବୋଲି କହିଲେ । ଥାନାରେ ମଧ୍ୟ କେସ୍ ଦେଇଥିଲେ । କିନ୍ତୁ ଥାନା ବାବୁ ଉଭୟଙ୍କୁ ଡାକି ଘଟଣା ବିଷୟରେ ଜାଣିବାରୁ ମୋ ନାମରେ କେସ୍ ହୋଇପାରିବ ନାହିଁ ବୋଲି ସ୍ତ୍ରୀଙ୍କୁ କହିଲେ, ତୁମେ ଯାଇ ଶ୍ୱଶୁର ଘରେ ରୁହ । ମାତ୍ର ସ୍ତ୍ରୀ ମୋ କଥା ଓ ଥାନା ବାବୁଙ୍କ କଥା ନଶୁଣି ତାଙ୍କ ବାପ ଘରେ ରହୁଛନ୍ତି । ଏହାପରେ ଓକିଲ ବାବୁଙ୍କ କଥାଶୁଣି ଝାର୍‌ସୁଗୁଡ଼ା କୋର୍ଟରେ ଏକ କେସ୍ ରୁଜୁ କରିଛନ୍ତି । ଯାହାର କେସ୍ ନମ୍ବର ଉଗଉ-୧୦୬୩/୧୫ ହୋଇଛି । ଏଥିରେ ମୋତେ ମୋ ସ୍ତ୍ରୀର ଭରଣପୋଷଣ ବାବଦକୁ ୫ଲକ୍ଷ ଟଙ୍କା ଓ ଦେହ ଖରାପ୍ ପାଇଁ ୪ ଲକ୍ଷ ଟଙ୍କା ମଗା ଯାଇଛି । ଆଜ୍ଞା, ମୁଁ ଜୀବନେର ଏକକାଳୀନ ୧ ଲକ୍ଷ ଟଙ୍କା ଦେଖି ନାହିଁ । ୯ ଲକ୍ଷ ଟଙ୍କା କୋଉଠୁ ଆଣିବି । ହାକିମକୁ ସବୁ କଥା କହିଛି । ଯଦି ମୋତେ ପଇସା ଦେବାକୁ ପଡ଼ିବ ତେବେ ବୃଦ୍ଧ ମାକୁ ନେଇ କେଉଁଆଡ଼େ ଚାଲିଯିବି । ନତୁବା ଆତ୍ମହତ୍ୟା କରିବା ପାଇଁ ବାଧ ହେବି । ଏ ଆଇନ୍‌ର ପରିବର୍ତ୍ତନ ନିହାତି ଜରୁରୀ ଅଟେ । ଗୋଟିଏ ପଟେ ମୋର ସ୍ତ୍ରୀ ଯଦି ମହିଳା, ମୋର ମା କଣ ମହିଳା ନୁହେଁ କି ? ଅଦାଲତ କଣ ପାଇଁ ମୋ ମା'ର ନିର୍ଯାତନା କଥା ବୁଝୁନାହିଁ । ଏହାର ଉତ୍ତର ମୋତେ କିଏସ୍ ଦେବ............ ?

ବ୍ୟୋମକେଶ ତ୍ରିପାଠୀ (ଆଇନ୍‌ଜୀବୀ)
ପୁରୁଷ କମିଶନ୍ (ଆବାହକ)
ମୋ- ୯୪୩୭୧୬୪୩୯୯

ବି.ଦ୍ର: ଆପଣଙ୍କ ଜାଣତରେ ଯଦି କେଉଁଠି ପୁରୁଷ ନିର୍ଯ୍ୟାତନା ହେଉଛି ତେବେ ଆମକୁ ଜଣାନ୍ତୁ ଯଥା ସମ୍ଭବ ଆମେ ଆଇନ୍‌ଗତ ସହଯୋଗ କରିବୁ ।